بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୩ ଅକ୍ଟୋବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର୍ ଅଳ୍ପକେ ସନ୍ତୁଷ୍ଟ ହେବା ଓ ବିନମ୍ରତା ପ୍ରଦର୍ଶନ କରିବା ଜୀବନୀର୍ ବିଶ୍ୱାସ ବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୁଁ ନବୀଶିରୋମଣୀ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ସରଳ ଜୀବନୀର ଅଲୋଚନା ଆରମ୍ଭ କରିଥିଲି । ହୁଜୁର[ସ.ଅ]ଙ୍କର ସରଳତାର ଗୋଟିଏ ଧାରା ଏହା ମଧ୍ୟ ଥିଲା ଯେ କେତେକ ସମୟରେ ଆପଣ ନିଜର ଆବଶ୍ୟକୀୟ ଜିନିଷଗୁଡ଼ିକ ବଜାରରୁ ନିଜେ କିଣି ଆଣୁଥିଲେ । ଅତଏବ ହଜରତ ଅବୁ ହୁରେରାଃ ବର୍ଣ୍ଣନା କରନ୍ତି, ଏକଦା ମୁଁ ହୁଜୁର[ସ.ଅ]ଙ୍କ ସହିତ ବଜାରକୁ ଗଲି । ହୁଜୁର[ସ.ଅ] ଜଣେ ପୋଷାକ ବ୍ୟବସାୟୀଙ୍କ ପାଖରେ ବସି ପଡିଲେ । ପରେ ମହାଭାଗ ଚାରି ଦିରହମ୍‌ରେ ଏକ ଖୋଲା ପାଇଜାମା କିଣିଲେ ।

ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ହଜରତ ଅବୁବକର୍[ର.ଅ] ମୋ ନିକଟକୁ ଆସିଲେ ସେହି ସମୟରେ ଅନସାର୍‌ମାନଙ୍କର ଦୁଇଜଣ ବାଳିକା ମୋ ପାଖରେ କବିତା ଗାଉଥିଲେ । ସେମାନେ ବୃତ୍ତିଗତ ଗାୟିକା ନଥିଲେ, ବରଂ ସେମାନେ ମୋ ସାଙ୍ଗ ଥିଲେ, ମୋ ପିତା ହଜରତ ଅବୁବକର୍ ଗୀତର ସ୍ୱର ଶୁଣି କହିଲେ; ଏସବୁ କ'ଣ ତୁମେ ହୁଜୁର[ସ.ଅ]ଙ୍କ ଘରେ ଶୈତାନ୍‌ର ବଇଁସି (ଗାନାବାଦ୍ୟ) ଧରି ବସିଛ ? ତାହା ଇଦ୍‌ର ଦିନ ଥିଲା । ହୁଜୁର[ସ.ଅ] ଏହା ଶୁଣି କହିଲେ; ହେ ଅବୁବକର୍ ! ପ୍ରତ୍ୟେକ ଜାତିର ଏକ ପର୍ବର ଦିନ ଥାଏ ଓ ଏହା ଆମର ପର୍ବ । ତେଣୁ ସେମାନଙ୍କୁ ଗୀତ ଗାଇବାକୁ ଦିଅ ଓ ତାଙ୍କୁ ବାରଣ କର ନାହିଁ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏପରି ସରଳ ଓ ନିଷ୍କପଟ ପରିବେଶ, ଯହିଁରେ କୌଣସି **ଶିର୍କ** (ଅନ୍ୟକୁ ଈଶ୍ୱରଙ୍କ ସମତୁଲ୍ୟ କରିବା)ର ଘଟଣା ଘଟୁ ନାହିଁ, ତେବେ ବାଳିକାମାନଙ୍କୁ ଗୀତ ଗାଇବାକୁ ଦେବାରେ କୌଣସି ଅସୁବିଧା ନାହିଁ । ଦେଖ ଏପରି ସ୍ଥାନ ଦେଇ ଗଲାବେଳେ ହୁଜୁର[ସ.ଅ] ପିଲାମାନଙ୍କୁ **ସଲାମ୍** କରୁଥିଲେ । ସେମାନଙ୍କ ମୁଣ୍ଡରେ ହାତ ବୁଲାଉ ଥିଲେ ଓ ସେମାନଙ୍କ ପାଇଁ ଦୁଆ କରୁଥିଲେ । ଯଦି କୌଣସି ବ୍ୟକ୍ତି ମହାଭାଗଙ୍କ ସହିତ ବସୁଥିଲେ କିମ୍ବା କୌଣସି ଆବଶ୍ୟକତା ପାଇଁ ମହାଭାଗଙ୍କ ସହ ଆଲୋଚନା କରୁଥିଲେ ତେବେ ମହାଭାଗ ତାଙ୍କ ସହିତ ଧୈର୍ଯ୍ୟର ସହ ବସି ରହୁଥିଲେ, ଯେପର୍ଯ୍ୟନ୍ତ ସେ ବ୍ୟକ୍ତି ନିଜେ ଉଠି ଚାଲିଯାଉ ନଥିଲେ । ଏହି ସରଳତା  ଧୈର୍ଯ୍ୟ ଆସୁଥିବା ବ୍ୟକ୍ତିଙ୍କୁ ଏହି ଆଶ୍ୱାସନା ଓ ସାହସ ଦେଉଥିଲା ଯେ ସେ ନିଜର କଥା ଆରାମରେ ବ୍ୟକ୍ତ କରିପାରିବେ । ତେଣୁ ଏହା ହେଉଛି ସେହି ପନ୍ଥା ଯାହା ଆମର କର୍ମକର୍ତ୍ତାମାନଙ୍କ ଦ୍ୱାରା ମଧ୍ୟ ଗ୍ରହଣ କରାଯିବା ଉଚିତ୍ ।

ହଜରତ ଇମାମ୍ ହୁସେନ୍[ର.ଅ] ବର୍ଣ୍ଣନା କରନ୍ତି, ମୁଁ ମୋର ପିତାଙ୍କୁ ହୁଜୁର[ସ.ଅ]ଙ୍କ **ମଜଲିସ୍** (ସଭା) ସମ୍ପର୍କରେ ପଚାରିଲେ, ତେଣୁ ସେ କହିଲେ; ମହାଭାଗ ଉଠିବା ଓ ବସିବା ପ୍ରତିମୁହୂର୍ତ୍ତରେ ଅଲ୍ଲାଃଙ୍କର ପ୍ରଶଂସା ଗାନ ଓ ତାଙ୍କର ସ୍ମରଣ କରୁଥିଲେ । ଆଉ କୌଣସି ଗୋଷ୍ଠୀଙ୍କ ପାଖକୁ ଗଲେ ଯେତେବେଳେ **ମଜଲିସ୍** ଶେଷ

ହେଉଥିଲା, ସେଠାରେ ହିଁ ବିରାଜିତ ରହୁଥିଲେ । ହୁଜୁର[ସ.ଅ] ପ୍ରତ୍ୟେକ ସହଚରଙ୍କୁ ତାଙ୍କର ଅଧିକାର ଦେଉଥିଲେ, କେହି ଏପରି ଭାବୁ ନଥିଲେ ଯେ ଅନ୍ୟ କେହି ତାଙ୍କ ଠାରୁ ଅଧିକ ସମ୍ମାନିତ ଅଟନ୍ତି । ପୁଣ୍ୟଶ୍ଳୋକଙ୍କ ଉଦାରତା ଓ ସଦ୍‌ଗୁଣ ସମସ୍ତଙ୍କ ପାଇଁ ସମାନ ଥିଲା, ସେ ସେମାନଙ୍କ ପାଇଁ ପିତା ତୁଲ୍ୟ ହୋଇଯାଇଥିଲେ । ମଦିନା ପ୍ରବାସ କରିବା ସମୟରେ ଯେତେବେଳେ **କୁବା** ଠାରୁ ବାହାରେ ମହାଭାଗ ଏକ ଗଛ ମୂଳରେ ବସିଥିଲେ ସେତେବେଳେ ମଦିନାର ଅଧିକାଂଶ ଲୋକ ମହାଭାଗଙ୍କ ଚେହେରା ସହିତ ପରିଚିତ ନଥିଲେ । ଲୋକମାନେ ହଜରତ ଅବୁବକର୍[ର.ଅ]ଙ୍କୁ ହିଁ ଆପଣଙ୍କ ସ୍ଥାନରେ ରସୁଲୁଲ୍ଲାଃ ବୋଲି ଚିନ୍ତା କରୁଥିଲେ । ଆଉ ହଜରତ ଅବୁବକର୍[ର.ଅ]ଙ୍କ ପ୍ରତି ଅତି ଭକ୍ତିର ସହିତ ମୁହଁ କରି ବସିଥିଲେ । ଏହା ଦେଖି ହଜରତ ଅବୁବକର୍[ର.ଅ] ହଠାତ୍ ନିଜର ଚଦର ଉଠାଇଲେ ଏବଂ ସୂର୍ଯ୍ୟଙ୍କ ଆଡ଼କୁ ଠିଆ ହୋଇଗଲେ ଓ କହିଲେ; ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣଙ୍କ ଉପରେ ସୂର୍ଯ୍ୟ କିରଣ ପଡୁଅଛି, ମୁଁ ଆପଣଙ୍କ ଉପରେ ଛାୟା କରି ଦେଉଛି ।

ହଜରତ ଜାବିର୍ ବିନ୍ ଅବ୍ଦୁଲ୍ଲାଃ[ର.ଅ] ବର୍ଣ୍ଣନା କରନ୍ତି, ଥରେ ମୁଁ ଅସୁସ୍ଥ ହୋଇଗଲି, ନବୀ କରିମ୍[ସ.ଅ] ଓ ହଜରତ ଅବୁବକର୍[ର.ଅ] ମୋ ଘରକୁ ଆସିଲେ ଏବଂ ସେମାନେ ମୋତେ ଅଚେତ ଅବସ୍ଥାରେ ଦେଖିଲେ । ତହୁଁ ନବୀ କରିମ୍[ସ.ଅ] ଓ୍ୱଜୁ କଲେ ଓ ଓ୍ୱଜୁର ପାଣି ମୋ ଉପରେ ପକାଇଲେ ତେବେ ଯାଇ ମୋର ଚେତା ଫେରିଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଜୀବନରେ କୌଣସି ଦେଖାଣିଆପଣ ନଥିଲା, ସରଳତା ଥିଲା । ହୁଜୁର[ସ.ଅ] ନିଜର ସାଥୀମାନଙ୍କୁ ମଧ୍ୟ ଏହା ହିଁ ବୁଝାଉ ଥିଲେ ଯେ ସରଳତା ଗ୍ରହଣ କରନ୍ତୁ । ଯାହା ଫଳରେ ସେମାନଙ୍କର ମଧ୍ୟ ସଂଶୋଧନ ହୋଇପାରିବ ।

ହଜରତ ଅବ୍ଦୁଲ୍ଲାଃ ବିନ୍ ମସୁଦ୍[ର.ଅ] ବର୍ଣ୍ଣନା କରନ୍ତି, ବଦର୍ ଯୁଦ୍ଧ ଦିନ ତିନିଜଣ ଲେଖାଏଁ ବ୍ୟକ୍ତି ଗୋଟିଏ ଓଟ ଉପରେ ପାଳି କରି ଆରୋହଣ କରୁଥିଲେ । ହୁଜୁର[ସ.ଅ]ଙ୍କ ସହିତ ଆରୋହଣ କରୁଥିବା ଲୋକମାନେ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆପଣ ଆରୋହଣ କରନ୍ତୁ, ଆମେ ପଦଯାତ୍ରା କରିବୁ । ପ୍ରତିଉତ୍ତରରେ ମହାଭାଗ କହିଲେ; ତୁମେ ଦୁଇଜଣ ମୋ ଠାରୁ ଅଧିକ ଶକ୍ତିଶାଳୀ ନୁହଁ ଏବଂ ନା ମୁଁ ପୁଣ୍ୟର ମାମଲାରେ ତୁମ ଦୁଇଜଣଙ୍କ ଠାରୁ ନିରପେକ୍ଷ । ତେଣୁ ଯେଉଁ ନିୟମ ସ୍ଥିର ହୋଇଛି, ସେହି ଅନୁଯାୟୀ ହିଁ କାର୍ଯ୍ୟ କରାଯିବ । ହଜରତ ଅମ୍ର ବିନ୍ ହାରିସ[ର.ଅ] ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ[ସ.ଅ] ନା କୌଣସି ଦିନାର ଛାଡ଼ିଲେ, ନା ଦିରହମ୍, ନା ଦାସ, ନା କୌଣସି ଦାସୀ । କେବଳ ନିଜର ଧବଳ ରଙ୍ଗର **ଖଚ୍ଚର୍** (ଘୋଡ଼ା ପ୍ରଜାତୀୟ ଗଧ) ବ୍ୟତୀତ, ଯାହା ଉପରେ ଆପଣ ଆରୋହଣ ହେଉଥିଲେ । ନିଜର ଅସ୍ତ୍ରଶସ୍ତ୍ର ଓ ଏକ ଜମି, ଯାହା ମହାଭାଗ ଯାତ୍ରୀମାନଙ୍କ ପାଇଁ ଉତ୍ସର୍ଗ କରି ଦେଇଥିଲେ ।

ହଜରତ ମୁସଲେହ ମଉଦ[ର.ଅ] କହନ୍ତି, ନବୀ କରୀମ[ସ.ଅ]ଙ୍କ ଠାରୁ ଏହା ମଧ୍ୟ ପ୍ରମାଣିତ ଯେ ଆପଣ ଭଲରୁ ଭଲ ଖାଦ୍ୟ ମଧ୍ୟ ସେବନ କରି ନେଉଥିଲେ ଓ ଏହା ମଧ୍ୟ ପ୍ରମାଣିତ ଯେ ଆପଣ ଭୋକ ଉପାସରେ ମଧ୍ୟ ରହିଥିଲେ । କେତେକ ସମୟରେ ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପବାସ ରହିବାକୁ ପଡିଥିଲା ଯେ ଆପଣଙ୍କୁ ନିଜ ପବିତ୍ର ପେଟ ବାନ୍ଧିବାକୁ ପଡିଥିଲା । ମାତ୍ର ପ୍ରତ୍ୟେକ ଅବସ୍ଥାରେ ମହାଭାଗଙ୍କ ଜୀବନ କୃତଜ୍ଞତା ଓ ସରଳତାର ସହିତ ଅତିବାହିତ ହୋଇଥିଲା । ହଜରତ ଅବୁ ସଈଦ ଖୁର୍ଦୀ[ର.ଅ] ବର୍ଣ୍ଣନା କରନ୍ତି, ଯେ ହୁଜୁର[ସ.ଅ]ଙ୍କ ଜୀବନ ବହୁତ ସରଳ ଥିଲା । ଆପଣ କୌଣସି କାମରେ ଲାଜ କିମ୍ବା ସଙ୍କୋଚ ବୋଧ କରୁ ନଥିଲେ ।

ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] ନିଜର ଓଟକୁ ନିଜେ ଚାରା ଦେଉଥିଲେ, ଘରର କାମଦାମ କରୁଥିଲେ । ନିଜର ଜୋତା ମରାମତି କରି ନେଉଥିଲେ, ପୋଷାକରେ ନଥା ଲଗାଇ ଦେଉଥିଲେ । ଚାକରକୁ ନିଜ ସହିତ ବସାଇ ଖାଦ୍ୟ ଖାଉଥିଲେ, ଅଟା ପେଷୁପେଷୁ ଯଦି ସେ (ଚାକର) ଥକି ଯାଉଥିଲେ ତେବେ ସେଥିରେ ତାଙ୍କୁ ସହଯୋଗ କରୁଥିଲେ । ବଜାରକୁ ଘରର ସାମଗ୍ରୀ ବୋହି ଆଣିବାରେ ଲଜ୍ଜା ଅନୁଭବ କରୁ ନଥିଲେ । ଧନୀ

କିମ୍ବା ଗରିବ, ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ହାତ ମିଳାଉ ଥିଲେ । **ସଲାମ୍** କରିବାରେ ଆଗୁଆ ରହୁଥିଲେ । ଯଦି କେହି ଖଜୁରିର ନିମନ୍ତ୍ରଣ ମଧ୍ୟ ଦେଉଥିଲା ତେବେ ମହାଭାଗ ତାହାକୁ ତୁଚ୍ଛ ଅବା ହେୟଜ୍ଞାନ କରୁ ନଥିଲେ, ବରଂ ତାହାକୁ ସାଦରେ ଗ୍ରହଣ କରୁଥିଲେ । ଆପଣ ଅତ୍ୟନ୍ତ ସହାନୁଭୂତିଶୀଳ, ନରମ ସ୍ୱଭାବି ଓ କୋମଳ ହୃଦୟର ଥିଲେ । ପୁଣ୍ୟଶ୍ଳୋକଙ୍କ ଆଚାର ବ୍ୟବହାର ଅତ୍ୟନ୍ତ ସରଳ ଥିଲା, ହସହସ ମୁଖରେ (ସମସ୍ତଙ୍କୁ) ମିଳାମିଶା କରୁଥିଲେ, ମୁହଁରେ ମଧୁର ସ୍ମିତହାସ୍ୟ ଝଲକି ରହୁଥିଲା । ଆପଣ ଜୋରରେ ଅଟ୍ଟହାସ୍ୟ କରି ହସୁ ନଥିଲେ । ଈଶ୍ୱରଙ୍କ ଭୟରେ ଚିନ୍ତିତ ରହୁଥିଲେ, କିନ୍ତୁ କଠୋରତା ଓ କ୍ଷୁବ୍ଧ ହେବାର ନାମ ବି ନଥିଲା । ବିନମ୍ର ସ୍ୱଭାବର ଥିଲେ, କିନ୍ତୁ ସେଥିରେ କୌଣସି ଦୁର୍ବଳତା କିମ୍ବା ହିନମନାର ଲେଶମାତ୍ର ଆଭାସ ନଥିଲା । ବହୁତ ଉଦାର, ନମ୍ର ହୃଦୟ ଦୟାଳୁ ତଥା କରୁଣାମୟ ଥିଲେ । ପ୍ରତ୍ୟେକ ମୁସଲମାନ ସହିତ ବ୍ୟବହାର କରୁଥିଲେ । ପେଟପୂରା ଏପରି ଭାବରେ ଖାଉ ନଥିଲେ ଯେ ହାଇ ଉଠୁଥିବ । କେବେ ମଧ୍ୟ ଲୋଭ ଓ କାମନାର ବଶବର୍ତ୍ତୀ ହୋଇ ହାତପାତୁ ନଥିଲେ । ବରଂ ସହିଷ୍ଣୁ, କୃତଜ୍ଞ ଓ ଅଳ୍ପରେ ସନ୍ତୁଷ୍ଟ ରହୁଥିଲେ ।

ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାହ୍[ସ.ଅ] ଉପହାର ଗ୍ରହଣ କରୁଥିଲେ ଓ ନିଜେ ମଧ୍ୟ ଉପହାର ପଠାଉ ଥିଲେ । ଯଦି ଛୋଟ ଛୋଟ ଉପହାର ବି କେହି ଦେଉଥିଲେ ତେବେ ଆପଣ ତାହାକୁ ଗ୍ରହଣ କରୁଥିଲେ ଏବଂ ସେଥି ବଦଳରେ ଉପହାର ଦେଉଥିଲେ । ଆପଣ କେବେ କୌଣସି ଖାଦ୍ୟକୁ ଖରାପ ବୋଲି କହି ନାହାନ୍ତି । ଯଦି ମହାଭାଗ ତାହାକୁ ପସନ୍ଦ କରୁଥିଲେ ତେବେ ଖାଉଥିଲେ, ନଚେତ୍ ଛାଡ଼ି ଦେଉଥିଲେ । ଆପଣ ପଶମ ଅର୍ଥାତ୍ ମୋଟା ଉନ୍‌ର ପୋଷାକ ପିନ୍ଧିଥିଲେ । ମରାମତି ହୋଇଥିବା ଜୋତା ପିନ୍ଧି ଥିଲେ । ଆପଣ ସର୍ବଦା କଠିନ ଖାଦ୍ୟ ଖାଇଥିଲେ (ଅର୍ଥାତ୍ ଯଅ'ର ମୋଟା ରୁଟି ଯାହା ପାଣି ବିନା ଗଳାରୁ ତଳକୁ ଓହ୍ଲାଏ ନାହିଁ) ଏବଂ ସରଳ ପୋଷାକ ପିନ୍ଧିଥିଲେ ।

ଆପଣ ନିଜର ଯୁଦ୍ଧବସ୍ତ୍ରକୁ ଯଅ ବଦଳରେ ବନ୍ଧକ ରଖିଥିଲେ । ଆପଣ ଥରେ ରୁଟିର ଏକ ଖଣ୍ଡ ଉପରେ ଖଜୁରୀ ରଖିଲେ ଏବଂ କହିଲେ; ଏହା ହେଉଛି ଏହାର ତରକାରୀ । ଏପରି ଭାବରେ ଖଜୁରୀ ସହିତ ରୁଟି ଖାଇଲେ, ଆପଣଙ୍କ ସେବାରେ ଥରେ ଗରମ ଖାଦ୍ୟ ଅଣାଗଲା ଆପଣ ତାହାକୁ ସେବନ କଲେ ଓ କହିଲେ; ସକଳ ପ୍ରଶଂସା ଅଲ୍ଲାହ୍ଙ୍କ ପାଇଁ ଉଦ୍ଦିଷ୍ଟ, ଏତେ ଦିନ ପରେ ମୁଁ ଗରମ ଖାଦ୍ୟ ଖାଇବାକୁ ପାଇଲି । ହଜରତ ଆଏଶା[ର.ଅ] କହନ୍ତି; ନବୀ କରିମ୍[ସ.ଅ]ଙ୍କର ଦେହାନ୍ତ ସେତେବେଳେ ଘଟିଲା ଯେତେବେଳେ ଆମେ ଖଜୁରୀ ଓ ପାଣି ପେଟପୂରା ଖାଉଥିଲୁ ।

ହଜରତ ମସିହ ମଉଦ[ଅ.ସ] କହନ୍ତି; ପବିତ୍ର ଓ ନିର୍ମଳ ବ୍ୟକ୍ତିମାନଙ୍କର ପେଟପୂରା ଖାଇବା ସେହି ପ୍ରକାରର ପେଟପୂରା ଖାଇବା ନୁହେଁ, ଯାହା ସେହି ଲୋକମାନଙ୍କର ହୋଇଥାଏ । ଯାହାଙ୍କ ସମ୍ବନ୍ଧରେ ଈଶ୍ୱର କହିଛନ୍ତି ଯେ- ସେମାନେ ଏପରି ଖାଆନ୍ତି ଯେପରି ଜୀବଯନ୍ତୁମାନେ ଖାଆନ୍ତି ଓ ନିଆଁ ହିଁ ସେମାନଙ୍କର ବାସସ୍ଥାନ । ଦେଖ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କୌଣସି ସମୟରେ ପେଟପୂରା ଖାଇବା ହେଉଛି ଏକ ଅଲଗା ପ୍ରକାରର ନୂର, ଯଦି ସେହି ତୃପ୍ତିକୁ ସେହି ଲୋକମାନଙ୍କ ସହିତ ତୁଳନା କରାଯାଏ ଯାହାଙ୍କର ମୂଳ ଉଦ୍ଦେଶ୍ୟ କେବଳ ଆବଶ୍ୟକତା (ଅର୍ଥାତ୍ ସ୍ୱାଦ ଆସ୍ୱାଦନ କରିବା ଓ ଉପକୃତ ହେବା) ଏବଂ ଯାହାଙ୍କ ଦୃଷ୍ଟି କେବଳ ନିଜର ପାଶବିକ କାମନା ପର୍ଯ୍ୟନ୍ତ ସୀମିତ ତେବେ ସେହି ତୃପ୍ତିକୁ ଆମେ କଦାପି ତୃପ୍ତ ହେବା କହିପାରିବା ନାହିଁ । ତୃପ୍ତିର ସଂଜ୍ଞାରେ ପବିତ୍ର ଓ ମହାନ ବ୍ୟକ୍ତିମାନଙ୍କର ପରିଭାଷା ଏବଂ ଅପବିତ୍ର ଓ ପେଟୁମାନଙ୍କର ପରିଭାଷା ସମ୍ପୂର୍ଣ୍ଣ ଅଲଗା ଅଲଗା । ପବିତ୍ର ଲୋକମାନେ କେବଳ ସେତିକି ପରିମାଣର ଖାଦ୍ୟକୁ ତୃପ୍ତି ବୋଲି କହିଥା'ନ୍ତି ଯେତେବେଳେ ଭୋକର ଅନୁଭୂତି ଦୂର ହୋଇଯାଏ ଓ ଶରୀରର କାର୍ଯ୍ୟକ୍ଷମତା ପାଇଁ ଶକ୍ତି ମିଳିଯାଏ । ସୁତରାଂ ବିଶ୍ୱାସକାରୀ ତୃପ୍ତି ଏହା ହିଁ ଯେ ସେ ସେତିକି ପାରିମାଣର ଖାଦ୍ୟ ଖାଉ ଯାହା ତାହାର ଶରୀରକୁ ସୁସ୍ଥ ସବଳ ରଖିବ ତଥା ଧର୍ମଗତ କର୍ତ୍ତବ୍ୟଗୁଡ଼ିକ ସମ୍ପାଦନ କରିପାରିବ । ତେଣୁ ସର୍ବଶ୍ରେଷ୍ଠ ନବୀ, ତାଙ୍କର ତୃପ୍ତିକୁ ସାଧାରଣ ଲୋକଙ୍କ ତୃପ୍ତି ସହିତ ତୁଳନା କରିବା

ଏକ ବିରାଟ ବଡ ଭୁଲ୍ । ଏହିପରି ଭାବରେ ଅନେକ ଲୋକ ଆପଣଙ୍କ ମହାନ ମର୍ଯ୍ୟାଦା ଓ ବୈଶିଷ୍ଟ୍ୟକୁ ବୁଝିପାରି ନାହାନ୍ତି ଏବଂ ଶବ୍ଦଗୁଡ଼ିକ ବ୍ୟବହାର କରିବାର ପ୍ରସଙ୍ଗକୁ ଲକ୍ଷ କରି ନାହାନ୍ତି ଯାହାଫଳରେ ନିଜକୁ ଭ୍ରମରେ ପକାଇ ଦେଇଛନ୍ତି । ହୁଜୁର[ସ.ଅ] କେତେକ ସମୟରେ ଏହା କହିବା ଯେ ମୁଁ ତୃପ୍ତ ହୋଇଯାଇଛି ତାହା ସେମାନଙ୍କର କଥାକୁ କଦାପି ବୁଝାଏ ନାହିଁ, ଯେଉଁମାନେ ନିଜ ଜୀବନର ମୂଳ ଉଦ୍ଦେଶ୍ୟ କେବଳ ଖାଇବାକୁ ହିଁ ମନେ କରି ନେଇଛନ୍ତି । ବସ୍ତୁତଃ ପବିତ୍ର ଲୋକମାନଙ୍କର କାମ ଓ କଥାକୁ ସେମାନଙ୍କର ଉଚ୍ଚ ମର୍ଯ୍ୟାଦା ଅନୁଯାୟୀ ବୁଝିବା ଉଚିତ୍ ଓ ସେମାନଙ୍କର କାର୍ଯ୍ୟଗୁଡ଼ିକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଠିକ୍ ନୁହେଁ । ସେମାନେ ପ୍ରକୃତରେ ଏହି ସଂସାରର ସୀମା ବାହାରେ ଥାଆନ୍ତି । ଯଦିଓ ପ୍ରତ୍ୟକ୍ଷ ଦୃଷ୍ଟିରୁ ସେମାନେ ଏହି ସଂସାର ଭିତରେ ହିଁ ରହିଥାଆନ୍ତି ।

ହଜରତ ଆଏଶା[ର.ଅ] ବର୍ଣ୍ଣନା କରିଛନ୍ତି, ଯେତେବେଳେ ମଧ୍ୟ ମୁଁ ଦିନରେ ଦୁଇଥର ପେଟପୂରା ଖାଦ୍ୟ ଖାଏ ସେତେବେଳେ ମୋତେ କାନ୍ଦ ମାଡ଼େ । ପ୍ରଶ୍ନ କରାଗଲା କାହିଁକି କାନ୍ଦ ମାଡ଼େ ? ଏଥିରେ ସେ କହିଲେ; ମୋତେ ହୁଜୁର[ସ.ଅ]ଙ୍କର ସେହି ଅବସ୍ଥା ମନେପଡେ ଯେଉଁ ଅବସ୍ଥାରେ ମହାଭାଗ ଏହି ଭବ ସଂସାରରୁ ବିଦାୟ ନେଇଥିଲେ । ଅଲ୍ଲାଃଙ୍କ ରାଣ ! ହୁଜୁର[ସ.ଅ] କେବେ ମଧ୍ୟ ଗୋଟିଏ ଦିନରେ ଦୁଇବେଳା ରୁଟି ଓ ମାଂସ ପେଟପୂରା ଖାଇ ନାହାନ୍ତି । ହଜରତ ଅବ୍ଦୁଲ୍ଲାଃ ବିନ୍ ଉବେଦ୍[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ]ଙ୍କ ସେବାରେ ଖାଦ୍ୟ ଉପସ୍ଥାପନ କରାଗଲା । ହଜରତ ଆଏଶା[ର.ଅ] ନିବେଦନ କଲେ ହେ ଅଲ୍ଲାଃଙ୍କ ନବୀ ! ଆପଣ ଆଉଜି (ଅର୍ଥାତ୍ ହାତରେ ଭରା ଦେଇ) ଖାଆନ୍ତୁ, ଏହା ଆପଣଙ୍କ ପାଇଁ ଅଧିକ ଆରାମଦାୟକ ହେବ । ହୁଜୁର[ସ.ଅ] ନିଜ ପବିତ୍ର ମସ୍ତକ ଭୂମି ଆଡ଼କୁ ଏପରି ଜଣା ପଡୁଥିଲା ଯେମିତି ତାହା ଭୂପୃଷ୍ଠକୁ ଛୁଇଁଯିବ । ମହାଭାଗ କହିଲେ; ମୁଁ ତ ସେହିପରି ଖାଇବି ଯେପରି ଜଣେ ସାଧାରଣ ମନୁଷ୍ୟ ଖାଏ ଏବଂ ସେହିପରି ବସିବି ଯେମିତି ଜଣେ ସାଧାରଣ ଭକ୍ତ ବସିଥାଏ । କାରଣ ମୁଁ ଅଲ୍ଲାଃଙ୍କର ମାତ୍ର ଜଣେ ଭକ୍ତ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ଅଧ୍ୟୟନ କରନ୍ତୁ ତେବେ ଆପଣ ଜାଣିପାରିବେ ଯେ ଆପଣ ଏପରି ଭଦ୍ର ଓ ନମ୍ର ଥିଲେ, ଯଦିଓ ଆପଣ ବହୁତ ପ୍ରଭାବଶାଳୀ ଥିଲେ । କିନ୍ତୁ ଯିଏ କୌଣସି ଦୁର୍ବଳ ମହିଳା ମଧ୍ୟ ଆପଣଙ୍କୁ ଠିଆ କରାଇ ଦେଉଥିଲେ । ଆଉ ମହାଭାଗ ସେତେବେଳ ପର୍ଯ୍ୟନ୍ତ ଛିଡ଼ା ହୋଇ ରହୁଥିଲେ ଯେତେବେଳ ପର୍ଯ୍ୟନ୍ତ ସେ (ଚାଲି ଯିବାକୁ) ଅନୁମତି ଦେଉ ନଥିଲେ । ଖୁତ୍‌ବାର ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର ସ୍ଥାନ ଅତ୍ୟନ୍ତ ଉଚ୍ଚରେ ଅଧିଷ୍ଠିତ ଥିଲା ଏବଂ ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟ ଆଦର୍ଶମୟ ତଥା ଅନୁକରଣୀୟ ଅଟେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

✲✲✲ ✲✲✲ ✲✲✲

Khulasa Khutba Juma Huzoor Anwar a.b.a

23rd October 2026

*Translated to Odia by :* Moulavi Anwar Ahmad Khan